visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.74, Bhubaneswar Monday, May 04,2020 | ୨୩ତମ ବର୍ଷ ସଂଖ୍ୟା-୭୪ ଭୁବନେଶ୍ୱର, ସୋମବାର ମଇ ୦୪,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## କଳିଙ୍ଗା ଘାଟିରେ ଆଉ ଏକ ବସ୍ ଦୁର୍ଘଟଣାଗ୍ରସ୍ତ

**କନ୍ଧମାଳ, (ପିଏନ)-** ଗୁଜୁରାଟର ସୁରତରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଗଞ୍ଜାମ ଫେରୁଥିବା ଏକ ବସ୍ ଗତରାତିରେ ଫୁଲବାଣୀର କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ଘଟଣାର ୨୪ ଘଂଟା ନପୁରୁଣୁ ସେହି କଳିଙ୍ଗା ଘାଟିର ବୁଲାଣି ରାସ୍ତାରେ ଅନ୍ୟ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଅମ୍ବିକା ନାମକ ଏହି ଘରୋଇ ଯାତ୍ରୀବାହି ବସ୍ ଟି ସୁରତରୁ ୫୭ ଜଣ ପ୍ରବାସୀଙ୍କୁ ନେଇ ଗଞ୍ଜାମ ଅଭିମୁଖେ ଆସୁଥିବା ବେଳେ ଆଜି ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘାଟିର ଗାର୍ଡ଼ ୱାଲରେ ବସ୍ ଟି ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି ।

ଏନେଇ ଅଧିକ ସୂଚନା ଦେଇ ଜି. ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ (ଏସଡ଼ିପିଓ) ଜୟକୃଷ୍ଣ ବେହେରା କହିଛନ୍ତି ଯେ, ଏହି ଦୁର୍ଘଟଣାଗ୍ରସ୍ତ ବସ୍ ରେ ୩ ମହିଳାଙ୍କ ସମେତ ମୋଟ୍ ୫୭ ଜଣ ଯାତ୍ରୀ ଥିଲେ । ଉକ୍ତ ରାସ୍ତା ବାବଦରେ ଡ୍ରାଇଭର ଅନଭିଜ୍ଞ ଥିବାରୁ ଦୁର୍ଘଟଣା ଘଟିଛି । ତେବେ ବସ୍ ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଲକ୍ ଡାଉନ୍ ଯୋଗୁଁ ବାହାର ରାଜ୍ୟରେ ଫଶି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ନେଇ ଅନେକ ଗାଡି ରାଜ୍ୟକୁ ଆସୁଛି । ଏହାର ଡ୍ରାଇଭର ମାନଙ୍କୁ ନୂଆ ରାସ୍ତା ତଥା ଘାଟି ରାସ୍ତାରେ ସତର୍କତାର ସହିତ ଗାଡ଼ି ଚାଳନା କରିବାକୁ ପରାମର୍ଶ ଦିଆଯାଇଛି ।

### କଳିଙ୍ଗା ଘାଟି ବସ ଦୁର୍ଘଟଣାର ହେବ ତଦନ୍ତ : ପରିବହନ ମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** ସୁରତରୁ ପ୍ରବାସୀ ଓଡିଆଙ୍କୁ ନେଇ ଫେରୁଥିବା ବସ ଗଂଜାମ- କନ୍ଧମାଳ ସୀମାରେ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏହି ମାମଲାର ତଦନ୍ତ ହେବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ସେ କହିଛନ୍ତି ଯେ ଘାଟି ରାସ୍ତାରେ ୪୦କିମିରୁ ଅଧିକ ଗତିରେ ଗାଡି ନ ଚଳାଇବାକୁ ନିର୍ଦ୍ଦେଶ ଦିଆ ଯିବ ।

# ଆଜିଠୁ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍

## ନୂଆ ଗାଇଡ୍ ଲାଇନ୍ ଜାରି କଲେ ରାଜ୍ୟ ସରକାର

**ଭୁବନେଶ୍ୱର, (ପିଏନ)-** ଆସନ୍ତାକାଲି (ସୋମବାର)ଠାରୁ ମେ ୧୭ ତାରିଖ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଲକଡାଉନ ଲାଗି ରବିବାର ଦିନ ରାଜ୍ୟ ସରକାର ଏକ ନୂତନ ଗାଇଡଲାଇନ ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ନୂତନ ଗାଇଡଲାଇନ ଅନୁସାରେ ସୋମବାର ଉକ୍ତ ଦିନ ମଧ୍ୟରେ ଲକଡାଉନ କଟକଣା ସହ କଂଟେନମେଂଟ ଜୋନ୍, ରେଡ୍ ଜୋନ୍, ଅରେଞ୍ଜ ଜୋନ୍ ଓ ଗ୍ରୀନ୍ ଜୋନ୍ ପାଇଁ ଅଲଗା ଅଲଗା ନିୟମ କରାଯାଇଛି ।କାଲିଠୁ ବିମାନ, ଟ୍ରେନ ଓ ଆନ୍ତଃରାଜ୍ୟ ବସ ଚଳାଚଳ ବନ୍ଦ ରହିବ । ସ୍କୁଲ, କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ହୋଟେଲରେ ରହିବା କଟକଣା ଜାରି ରହିବ । ସିନେମା ହଲ, ସପିଂ ମଲ୍, ଜିମ୍, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ବନ୍ଦ ରହିବ । ସୁଇମିଂ ପୁଲ, ପାର୍କ, ଥିଏଟର, ବାର୍ ବନ୍ଦ ରହିବ । ଧର୍ମାନୁଷ୍ଠାନ ଓ ଧାର୍ମିକ ସମାବେଶ ବନ୍ଦ ରହିବ ।ରେଡ ଜୋନରେ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବାହାରକୁ ଯିବାକୁ ଅନୁମତି । ଓଲା ଏବଂ ଉବେରକୁ ନିର୍ଦ୍ଦିଷ୍ଟ ସେବା ପାଇଁ ଅନୁମତି ମିଳିବ । ୪ ଚକିଆ ଗାଡିରେ ଡ୍ରାଇଭର ସହ ସର୍ବାଧିକ ୨ ଜଣ ଯାଇପାରିବେ । ଦୁଇ ଚକିଆ ଗାଡିରେ ପଛରେ କେହି ବସି ପାରିବେନି । ରେଡ୍ ଜୋନର ଗ୍ରାମାଂଚଳର ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟକୁ ଅନୁମତି ମିଳିବ । ସବୁ ଶିଳ୍ପ ସମ୍ପର୍କିତ କାମ ଚାଲିବ ।ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ପାଇଁ ଅନୁମତି ମିଳିବ । ଜନବସତି ପାଖରେ ଥିବା ଦୋକାନ ଖୋଲିବ । ଗ୍ରାମାଂଚଳରେ ମଲ୍ ଛଡା ସମସ୍ତ ଦୋକାନ ଖୋଲା ରହିବ । ସହରାଂଚଳରେ ଗୋଟିକିଆ ଦୋକାନ, ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ଇ-କମର୍ସକୁ ଅନୁମତି । ଘରୋଇ ଅଫିସରେ ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ ହେବ । ସରକାରୀ ଅଫିସ ବି ୩୩ ପ୍ରତିଶତ କର୍ମଚାରୀରେ ଖୋଲି ପାରିବ । ତେବେ ରେଡ ଜୋନର ଏ ସମସ୍ତ କାର୍ଯ୍ୟ ସାମାଜିକ ଦୂରତା ବଜାୟ ରଖି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ରେଡ୍ ଜୋନ୍‌ରେ ଭୁବନେଶ୍ୱର

**ଭୁବନେଶ୍ୱର, (ପିଏନ)-** ଭୁବନେଶ୍ୱର ମହାନଗର ନିଗମକୁ ରେଡ୍ ଜୋନ ଘୋଷଣା କରିଛନ୍ତି ସରକାର । ବର୍ତମାନର କୋଭିଡ୍ ୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାକୁ ଜୋନ ହିସାବରେ ବିଭକ୍ତ କରିଛନ୍ତି । ନୂଆ ଗାଇଡଲାଇନରେ ଭୁବନେଶ୍ୱର ସହ ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାକୁ ରେଡ ଜୋନ ଘୋଷଣା କରାଯାଇଛି ।ସେହିପରି ଅରେଞ୍ଜ ଜୋନରେ ରହିଛି ୧୧ ଜିଲ୍ଲା । ଖୋର୍ଦ୍ଧା (ବିଏମସି ବାଦ୍) , ସୁନ୍ଦରଗଡ, କେନ୍ଦ୍ରାପଡା, କୋରାପୁଟ, କେନ୍ଦୁଝର, ଦେବଗଡ, ଝାରସୁଗୁଡା, ବଲାଙ୍ଗୀର, ଢେଙ୍କାନାଳ, କଳାହାଣ୍ଡି, ଗଞ୍ଜାମକୁ ଅରେଞ୍ଜ ଜୋନ ଘୋଷଣା କରାଯାଇଛି । ଏହା ବ୍ୟତୀତ ଅବଶିଷ୍ଟ ୧୬ଟି ଜିଲ୍ଲାକୁ ଗ୍ରୀନ ଜୋନ ଘୋଷଣା ହୋଇଛି । ସେଗୁଡିକ ହେଲା ଅନୁଗୁଳ, ବରଗଡ, ବୌଦ୍ଧ, ସମ୍ବଲପୁର, ଗଜପତି, ଜଗତସିଂହପୁର, କନ୍ଧମାଳ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସୋନପୁର, କଟକ ଓ ପୁରୀ ।

## କ୍ୱାରେଣ୍ଟାଇନ୍ ନମାନିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,(ପିଏନ)-** କ୍ୱାରେଂଟାଇନ୍ ନିୟମ ଭାଙ୍ଗିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରକାଶ କରିଛନ୍ତି ।



**- ଗିରଫ କରାଯିବା ସହ ମିଳିବନି ପ୍ରୋତ୍ସାହନ ରାଶି**

**- ଭୁଲ୍ ରୁଟ୍ ରେ ଗଲେ ଜବତ ହେବ ବସ୍**

ରବିବାର ଦିନ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ସଙ୍ଗରୋଧ ନିୟମ ଉଲ୍ଲଂଘନ ଏକ ଗୁରୁତର ଅପରାଧ । ଯେଉଁମାନେ ହାର ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ କ୍ୱାରେଂଟାଇନ୍ ନିୟମ ଭାଙ୍ଗିବେ ସେମାନଙ୍କୁ ଗିରଫ କରାଯିବ । ଦରକାର ପଡ଼ିଲେ ନିଜ ଜିଲ୍ଲା ବାହାରେ କ୍ୱାରେଂଟାଇନରେ ରଖାଯିବ । ସେମାନଙ୍କୁ ରାଜ୍ୟ ସରକାର ଦେଉଥିବା ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ମଧ ମିଳିବ ନାହିଁ । ଆବଶ୍ୟକସ୍ଥଳରେ ନିୟମ ଉଲ୍ଲଂଘନକାରୀଙ୍କ କ୍ୱାରେଂଟାଇନ୍ ଅବଧିକୁ ମଧ ବଢାଇ ଦିଆଯିବ ।

ଏଥିସହ ସେ ରାଜ୍ୟର ସରପଂଚ ମାନଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ସଙ୍ଗରୋଧ କେନ୍ଦ୍ରରେ କୌଣସି ନିୟମ ଉଲ୍ଲଂଘନ ଦେଖିଲେ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ରାଜ୍ୟ ସରକାର ଏଥିପାଇଁ ସେମାନଙ୍କୁ କ୍ଷମତା ଦେଇଛନ୍ତି, ସେମାନେ ତାହାର ବ୍ୟବହାର କରନ୍ତୁ । ଆବଶ୍ୟକ ହେଲେ ଜିଲ୍ଲାପାଳ ଓ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଲାଗି ଜଣାନ୍ତୁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ସେହିପରି ପ୍ରବାସୀ ଓଡିଆଙ୍କୁ ନେଇ ଆସୁଥିବା ବସ୍ ନିକଟରେ ପାସ୍ ନଥିଲେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଏପରିକି ବସ୍ ରେ ମାତ୍ରାଧିକ ପ୍ରବାସୀ ଥିଲେ ମଧ୍ୟ ଅନୁମତି ମିଳିବନି । ମାତ୍ରାଧିକ ଯାତ୍ରୀ ଥିବା ବସକୁ ଫେରାଇ ଦିଆଯିବ । ଏହା ବ୍ୟତୀତ ନିର୍ଦ୍ଧାରିତ ରୁଟ୍ ବ୍ୟତୀତ ଅନ୍ୟ ରୁଟ୍ ରେ ଗଲେ ବସ୍ ସିଜ୍ ହେବ ବୋଲି ମୁଖ୍ୟ ଶାସନ ସଚିବ ଚେତାଇ ଦେଇଛନ୍ତି ।

ସୀମାନ୍ତରେ ସଡ଼କରେ ଆସୁଥିବା ପ୍ରବାସୀଙ୍କ ପାଇଁ ୧୨ଟି ବର୍ଡର ଚେକ୍ ପଏଂଟରେ ଯାଂଚ୍ ବ୍ୟବସ୍ଥା କରାଯାଇଛି । ପ୍ରବାସୀମାନେ ପୂର୍ବରୁ ପଞ୍ଜିକରଣ କରିବା ଦରକାର ଏବଂ ସେମାନେ ଯେଉଁ ଗାଡ଼ିରେ ଆସୁଛନ୍ତି ତା'ର ବିସ୍ତୃତ ବିବରଣୀ ଦେବା ଉଚିତ । ସରକାରଙ୍କ ପ୍ରଦତ ନିର୍ଦ୍ଧାରିତ ରୁଟ୍ ରେ ନ ଆସିଲେ ଆସୁଥିବା ଗାଡ଼ି ଜବତ କରାଯିବ । ବସ୍ ପାସ୍ ନ ନେଇ ଆସିଥିବା ପ୍ରବାସୀମାନଙ୍କୁ ଛଡ଼ାଯିବ ନାହିଁ । ଯେଉଁମାନେ ପାସ୍ ନ ନେଇ ଚାଲି ଆସିଛନ୍ତି ସେମାନଙ୍କୁ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଗୋଟିଏ ଦିନରେ ୫ ନୂଆ କରୋନା ସଂକ୍ରମିତ

**ଭୁବନେଶ୍ୱର, (ପିଏନ)-**ରାଜ୍ୟରେ ଆଉ ପାଂଚ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଝାରସୁଗୁଡା ,ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ଜଣେ ଲେଖାଏଁ ବୋଲି ଜଣା ପଡିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି ।




ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମର ଦୁଇ ଜଣ ପଜିଟିଭ ମଧ୍ୟରୁ ଉଭୟ ପୁରୁଷ ଓ ସେମାନଙ୍କର ବୟସ ୧୭ ବର୍ଷ ଓ ୨୨ ବର୍ଷ । ଉଭୟ ସୁରତ ଫେରନ୍ତା ବୋଲି ସୂଚନା ଦିଆ ଯାଇଛି । ଏହି ଦୁଇ ମାମଲାର କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପରବର୍ତୀ ପଦକ୍ଷେପ ଗ୍ରହଣ କରା ଯାଉଛି । ସେହିପରି ଝାରସୁଗୁଡାର ଆକ୍ରାନ୍ତ ଜଣଙ୍କ ହେଉଛନ୍ତି ୪୦ ବର୍ଷୀୟା ମହିଳା । ସେ ପୂର୍ବବର୍ତୀ ପଜିଟିଭ ରୋଗୀଙ୍କ ସମ୍ପର୍କରେ ଆସିଥିଲେ । ଏହି ମାମଲାରେ ମଧ୍ୟ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପରବର୍ତୀ ପଦକ୍ଷେପ ଗ୍ରହଣ କରା ଯାଉଛି । ସେହିପରି ବାଲେଶ୍ୱରରୁ ଚିହ୍ନଟ ହୋଇଥିବା ରୋଗୀଙ୍କର ବୟସ ୩୪ ବର୍ଷ ଓ ସେ ଜଣେ ପଶ୍ଚିମ ବଙ୍ଗ ଫେରନ୍ତା । ତାଙ୍କ ନିକଟରେ କୌଣସି ଲକ୍ଷଣ ନ ଥିଲା ଓ ସେ କ୍ୱାରେଂଟାଇନରେ ଥିଲେ ବୋଲି ବିଭାଗ ପକ୍ଷରୁ କୁହା ଯାଇଛି । ସେହିପରି କେନ୍ଦୁଝର ଜିଲ୍ଲାରେ ଆଉ ଜଣେ ରୋଗୀ ଚିହ୍ନଟ ହେବା ଦ୍ୱାରା ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨ରେ ପହଂଚିଛି ।

### କ୍ୱାରେଣ୍ଟାଇନ ସେଣ୍ଟରରୁ ୧୫୦ ଜଣ ଚମ୍ପଟ

**ଗଞ୍ଜାମ, (ପିଏନ)-** ଗଞ୍ଜାମ ଜିଲ୍ଲା କୋଦଳା ବ୍ଲକ୍ ଅନ୍ତର୍ଗତ ବେରୁଡ଼ିଆପଡ଼ାର ଦୁଇଟି ସଙ୍ଗରୋଧ କେନ୍ଦ୍ର ଜନତା ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ କ୍ୱାରେଂଟାଇନ ସେଂଟରରୁ ପ୍ରାୟ ୧୫୦ ଜଣ ଚମ୍ପଟ୍ ମାରିଥିବା ଜଣାପଡିଛି । ଏସବୁ କେନ୍ଦ୍ରରେ ଖାଦ୍ୟପେୟରେ ଅବ୍ୟବସ୍ଥା ଓ ରହିବା ଅବ୍ୟବସ୍ଥା ଯୋଗୁଁ ଏ ଧରଣର ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି । ଗତକାଲି ରାତିରେ ଏହି ପ୍ରବାସୀ ମାନେ କେନ୍ଦ୍ରରେ ପହଂଚିବା ପରେ ସେମାନଙ୍କୁ ଖାଦ୍ୟ ଦିଆଯାଇନଥିଲା । କେବଳ ଗୋଟିଏ ବିସ୍କୁଟ୍ ପ୍ୟାକେଟ୍ ଦିଆଯାଇଥିଲା । ଆଜି ସକାଳୁ ମଧ ସେମାନଙ୍କୁ ଚା ଜଳଖିଆ ଦିଆଯାଇନଥିଲା । ଏପରିକି କେନ୍ଦ୍ରରେ ପାଇଖାନା ବ୍ୟବସ୍ଥା ନଥିବାରୁ ସେମାନେ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି । ତେବେ ପ୍ରଶାସନ ଏ ବାବଦରେ ଅବଗତ ହେବା ପରେ ସେମାନଙ୍କୁ ପୁନଶ୍ଚ କ୍ୱାରେଂଟାଇନ ସେଂଟରକୁ ଫେରାଇ ଆଣିବା ଦିଗରେ ପ୍ରୟାସ ଜାରୀ ରହିଛି । ତନ୍ମଧ୍ୟରୁ ଶହେ ଲୋକଙ୍କୁ ଅଦ୍ୟାବଧି କ୍ୱାରେଂଟାଇନ ସେଂଟରକୁ ଫେରାଇ ଅଣାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଅନ୍ୟ ମାନଙ୍କ ଖୋଜ ଖବର ଜାରୀ ରହିଛି ।

### ବସ୍ ରୁ ଓହ୍ଲାଇ ଅଧାବାଟରୁ ଚାଲିଗଲେ ୯ ସୁରତ ଫେରନ୍ତା

**ଗଞ୍ଜାମ, (ପିଏନ)-**ଆଜି ସକାଳୁ ସୁରତରୁ ବସ୍ ଯୋଗେ ଆସୁଥିବା ବେଳେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟ ଗୋବରା ଗ୍ରାମ ନିକଟରେ ୯ ଜଣ ଯାତ୍ରୀ ବସ୍ ରୁ ଓହ୍ଲାଇ ଚାଲି ଯାଇଥିବା ଜଣାପଡିଛି । ଘଟଣା ବାବଦରେ ଅବଗତ ହେବା ପରେ ପ୍ରଶାସନ ଏମାନଙ୍କ ସନ୍ଧାନରେ ଲାଗିପଡିଛି । ଏହି ଘଟଣା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ କ୍ୱାରେଂଟାଇନ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲେ ସୁଦ୍ଧା ସେମାନେ ଅଧା ବାଟରେ କିପରି ବସ୍ ରୁ ଓହ୍ଲାଇ ଚାଲିଗଲେ, ତାହା ସମସ୍ତଙ୍କୁ ବିସ୍ମିତ କରିଛି । ଘଟଣାକୁ ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## କରୋନା ଯୋଦ୍ଧାଙ୍କୁ ସମ୍ମାନ : ଫୁଲ ବର୍ଷା କଲେ ବାୟୁସେନା



**ନୂଆଦିଲ୍ଲୀ, (ପିଏନ)-**କୋଭିଡ-୧୯ ମହାମାରୀକୁ ମାତ୍ ଦେବା ପାଇଁ ନିଜକୁ ଏବଂ ପରିବାରକୁ ଭୁଲି ଜୀବନକୁ ବାଜିରେ ଲଗାଇ କାମ କରୁଥିବା ଡାକ୍ତର, ନର୍ସ, ସଫେଇକର୍ମୀ, ପୋଲିସ, ହୋମଗାର୍ଡ, ଡେଲିଭରି ବୟ ଓ ମିଡିଆ କର୍ମୀଙ୍କ ପ୍ରତି ସମ୍ମାନ ଜଣାଇଛନ୍ତି । ଭାରତୀୟ ବାୟୁସେନାର ଲଢୁଆ ଏବଂ ପରିବହନ ବିମାନ ଫ୍ଲାଇପାଷ୍ଟ କରି କରୋନା ରେଗୀଙ୍କ ଚିକିତ୍ସା କରୁଥିବା ହସ୍ପିଟାଲ ଉପରେ ପୁଷ୍ପ ବର୍ଷା କରିଛନ୍ତି । ବାୟୁସେନାର ବିମାନ ଶ୍ରୀନଗରରୁ ତ୍ରିବେନ୍ଦ୍ରମ ଏବଂ ଆସାମର ଡିବ୍ରୁଗଡରୁ ଗୁଜରାଟର କଛ ପର୍ଯ୍ୟନ୍ତ ଫ୍ଲାଇପାଷ୍ଟ କରିଛନ୍ତି । ଭାରତୀୟ ବାୟୁସେନାର ବିମାନ ଆଜି ସକାଳ ୧୦ଟାରେ ଦିଲ୍ଲୀ ଓ ଏନସିଆର ଅଂଚଳରେ ଫ୍ଲାଇପାଷ୍ଟ କରି କରୋନା ଯୋଦ୍ଧାଙ୍କୁ ସଲାମି ଦେଇଛନ୍ତି । କରୋନା ଯୋଦ୍ଧାଙ୍କ ପ୍ରତି ଏହି ସମ୍ମାନ କାର୍ଯ୍ୟକ୍ରମ ଅଧା ଘଂଟା ପର୍ଯ୍ୟନ୍ତ ଚାଲିଥିଲା । ଲଢୁଆ ବିମାନ ସୁଖୋଇ-୩୦ ଏମକେଆଇ, ମିଗ-୨୯ ଓ ଜାଗୁଆର ବିମାନ ରାଜପଥରେ ଉଡାଣ ଭରିଥିଲା । ରାଜଧାନୀ ପରିକ୍ରମା କରିବା ସମୟରେ ଦିଲ୍ଲୀ ନିବାସୀ ଘରର ଛାତ ଉପରେ ଏହାର ସାକ୍ଷୀ ପାଲଟିଥିଲେ । ଏହା ବ୍ୟତୀତ ସି-୧୩୦ ପରିବହନ ବିମାନ ପୂରା ଦିଲ୍ଲୀ ଓ ରାଷ୍ଟ୍ରୀୟ ରାଜଧାନୀର ପୂର କ୍ଷେତ୍ରରେ ଉଡାଣ ଭରିଥିଲେ । ଏହି ବିମାନ ପକ୍ଷୀ ଓ ଏୟରୋସ୍ପେସକୁ ଦୃଷ୍ଟିରେ ରଖି ୫୦୦ ମିଟରରୁ ୧୦୦୦ ମିଟର ଉଚ୍ଚତା ଭିତରେ ଉଡାଣ କରିଥିଲେ ।

ବାୟୁସେନାର ମୁଖପାତ୍ର ଇନ୍ଦ୍ରନୀଲ ନନ୍ଦୀ କହିଛନ୍ତି ଆଜି ସକାଳେ ଦିଲ୍ଲୀରେ ବର୍ଷା ହେବାରୁ କରୋନା ଯୋଦ୍ଧାଙ୍କ ପ୍ରତି ସମ୍ମାନ ଦେବା କାର୍ଯ୍ୟକ୍ରମରେ କିଛିଟା ବିଳମ୍ବ ଘଟିଥିଲା । ମାତ୍ର ଭାରତୀୟ ବାୟୁସେନାର ହେଲିକପ୍ଟର ସକାଳ ୯ଟାରୁ ପୋଲିସ ୱାର ମେମୋରିୟାଲ ଉପରେ ପୁଷ୍ପ ବର୍ଷା କରି ସହିଦଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଛନ୍ତି । ଭାରତୀୟ ବାୟୁସେନା ଡାକ୍ତର ଓ ଆଗଧାଡିର ଯୋଦ୍ଧାଙ୍କ କରୋନା ବିରୋଧୀ ଲଢେଇରେ ମହତ୍ୱପୂର୍ଣ୍ଣ ଯୋଗଦାନ ନିମନ୍ତେ ରାଜପଥ ଉପରେ ଫ୍ଲାଇପାଷ୍ଟ କରିଛନ୍ତି ।

ଏହା ପରେ ଦିଲ୍ଲୀର ହସ୍ପିଟାଲ ଦିନଦୟାଲ ଉପାଧ୍ୟାୟ ହସ୍ପିଟାଲ, ଜିଟିବି ହସ୍ପିଟାଲ, ଲୋକନାୟକ ହସ୍ପିଟାଲ, ରାମ ମନୋହର ଲୋହିଆ ହସ୍ପିଟାଲ, ସଫଦରଗଞ୍ଜ ହସ୍ପିଟାଲ, ଗଙ୍ଗା ରାମ ହସ୍ପିଟାଲ, ଗଙ୍ଗା ରାମ ହସ୍ପିଟାଲ, ବାବା ସାହେବ ଆମ୍ବେଦକର ହସ୍ପିଟାଲ, ମ୍ୟାକ୍ସ ସାକେତ, ରୋହିଣୀ ହସ୍ପିଟାଲ, ଆପୋଲୋ ଇନ୍ଦ୍ରପ୍ରସ୍ତ ହସ୍ପିଟାଲ ଓ କ୍ୟାଂଟ ସ୍ଥିତ ସ୍ଥଳ ସେନା ରେଫରାଲ ହସ୍ପିଟାଲ ଉପରେ ପୁଷ୍ପ ବର୍ଷା କରି ଡାକ୍ତର ଓ କରୋନା ଯୋଦ୍ଧାଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ଏହା ସହିତ ଉତର ପ୍ରଦେଶର ରାଜଧାନୀ ଲଖନଉରେ ବାୟୁସେନାର ହେଲିକପ୍ଟର କମାଣ୍ଡ ହସ୍ପିଟାଲ ଓ କେଜିଏମୟୁ ହସ୍ପିଟାଲ ଉପରେ ପୁଷ୍ପ ବର୍ଷା କରିଛନ୍ତି । ଚଣ୍ଡିଗଡରେ ଭାରତୀୟ ବାୟୁସେନାର ବିମାନ ସି-୧୩୦ ସୁଖନା ହ୍ରଦ ଉପରେ ଫ୍ଲାଇପାଷ୍ଟ କରିଛନ୍ତି । ଶ୍ରୀନଗରର ଡଲ ହ୍ରଦ ଉପରେ ଭାରତୀୟ ବାୟୁସେନା ଫ୍ଲାଇ ପାଷ୍ଟ କରିଛନ୍ତି । ମୁମ୍ବାଇରେ ମରିନ ଡ୍ରାଇଭରେ ବାୟୁସେନାର ବିମାନ ଫ୍ଲାଇପାଷ୍ଟ କରି କରୋନା ଯୋଦ୍ଧାଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ବେଙ୍ଗାଲୁରୁରେ ଭାରତୀୟ ବାୟୁସେନା ଏହି ମୁସ୍କିଲ ସମୟରେ ଲୋକଙ୍କୁ ନିଜର ସେବା ପ୍ରଦାନ କରୁଥିବା କରୋନା ଯୋଦ୍ଧାଙ୍କ ପ୍ରତି ସମ୍ମାନ ଜଣାଇବା ଲାଗି ଭିକ୍ଟୋରିଆ ହସ୍ପିଟାଲ ଉପରେ ପୁଷ୍ପ ବର୍ଷା କରିଛନ୍ତି । ଭାରତୀୟ ସେନାର ମୁଖପାତ୍ର କର୍ଣ୍ଣେଲ ଅମନ ଆନନ୍ଦ କହିଛନ୍ତି ଯେ, ସେନାର ଯବାନ ସକାଳ ୧୦ଟାରେ ଦିଲ୍ଲୀ ଏମ୍ସରେ, ୧୦ଟା ୩୦ରେ କ୍ୟାଂଟ ବୋର୍ଡ ହସ୍ପିଟାଲ, ନରେଲାର ବେସ୍ ହସ୍ପିଟାଲରେ ଓ ସକାଳ ୧୧ଟାରେ ଗଙ୍ଗାରାମ ହସ୍ପିଟାଲ ଓ ସେନାର ଆର ଆଣ୍ଡ ଆର ହସ୍ପିଟାଲ ବାହାରେ ଆର୍ମି ବ୍ୟାଣ୍ଡ ବାଦନ କରିଥିଲେ । ଏହା ବ୍ୟତୀତ ଦେଶର ଅନେକ ଜିଲ୍ଲାର କରୋନା ହସ୍ପିଟାଲରେ ମାଉଂଟେଟ୍ ବ୍ୟାଣ୍ଡ ପ୍ରଦର୍ଶନ କରି ପୋଲିସବଳଙ୍କ ସମର୍ଥନରେ ଜିଲ୍ଲାର ପୋଲିସ ସ୍ମାରକ ଉପରେ ଶଙ୍ଖନାଦ କରି ତାଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି , କୋଭିଡ-୧୯ କାରଣରୁ କୌଣସି ଅଭିଯାନରେ କାର୍ଯ୍ୟ ପ୍ରଭାବିତ ହୋଇ ନାହିଁ । ଏହା ବ୍ୟତୀତ କୋଲକାତାରେ ସନ୍ଧ୍ୟାରେ ଆର୍ମି ବ୍ୟାଣ୍ଡ ଭିକ୍ଟୋରିଆ ମେମୋରିୟାଲରେ ପ୍ରଦର୍ଶନ କରିଥିଲେ । ଗୁଜରାଟର ଗାନ୍ଧୀନଗରରେ ଆର୍ମି ବ୍ୟାଣ୍ଡ ପ୍ରଦର୍ଶନ କରି କରୋନା ଯୋଦ୍ଧାଙ୍କୁ ଧନ୍ୟବାଦ ଦେଇଛନ୍ତି । କରୋନା ଯୋଦ୍ଧାଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ବ୍ୟକ୍ତ କରି ପଂଚକୁଲା ସେକ୍ଟର-୬ ସରକାରୀ ହସ୍ପିଟାଲ ବାହାରେ ଆର୍ମି ବ୍ୟାଣ୍ଡ ପ୍ରଦର୍ଶନ କରିଛନ୍ତି ।

**୬ଟି ଉପସାଗରୀୟ ଦେଶର ଓଡିଆ ସମାଜର ବ୍ୟକ୍ତିମାନଙ୍କ ସହ ଭିଡିଓ କନଫରେନ୍ସିଂ**

## କରୋନା ପରବର୍ତ୍ତୀ ଭାରତ ପାଇଁ ସମ୍ଭାବନାର ସୁଯୋଗରେ ଓଡିଶାର ଭାଗ ପାଇଁ ଉଦ୍ୟମ କରିବା : ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)-** ଉପସାଗରୀୟ ଦେଶ ସମୂହର ୬ଟି ପ୍ରମୁଖ ଦେଶରେ ରହୁଥିବା ଓଡିଆ ସମାଜର ବ୍ୟକ୍ତିମାନଙ୍କ ସହ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥା ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କରୋନା ପରବର୍ତୀ ପରିସ୍ଥିତିରେ ଭାରତ ବିଶ୍ୱ ଅର୍ଥନୀତିର ସମ୍ଭାବନାର କେନ୍ଦ୍ର ହେବା ନେଇ ଆକଳନ କରାଯାଉଛି । ଭାରତ ପାଇଁ ସୃଷ୍ଟି ହେଉଥିବା ସମ୍ଭାବନାକୁ କିପରି ଆମ ରାଜ୍ୟ ଓଡିଶା ମୁହାଁ କରିହେବ ଏବଂ ଓଡିଶା ଏଥିରୁ ଲାଭ ପାଇପାରିବ, ଏହା ଜଣେ ଓଡିଆ ଭାବରେ ସମସ୍ତଙ୍କ ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୂରଦୃଷ୍ଟି ସମ୍ପନ୍ନ କରୋନା ମୁକାବିଲା ଭାରତକୁ ଲାଭ ଦେଇଛି । ପ୍ରଧାନମନ୍ତ୍ରୀ ପ୍ରଥମେ ଜୀବନ ଏବଂ ପରେ ଜୀବିକା ବୋଲି କହି ଭାରତର ପ୍ରତ୍ୟେକ ନାଗରିକଙ୍କ ଜୀବନ ବଂଚାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କ ଜୀବନ ସହ ଜୀବିକାର ସୁରକ୍ଷାର କଥା କହିଥିଲେ ।ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ଆଗାମୀ ଦିନ ମାନଙ୍କରେ ଭାରତ ବିଶ୍ୱର ବଡ ବ୍ରାଣ୍ଡ୍ ହେବ । ଭାରତର ବଜାର ପାଖରେ ବଡ ଶକ୍ତି ରହିଛି । ଆଗାମୀ ଦିନରେ ଭାରତ ସବୁଠାରୁ ବଡ ତୈଳ ବଜାର ହେବାର ସମ୍ଭାବନା ନେଇ ଭାରତର ବିଶ୍ୱ ବଜାରରେ ସୁବିଧାଜନକ ସ୍ଥିତି ହେବ ବୋଲି ସୂଚନା ଦେଇଥିଲେ ଶ୍ରୀ ପ୍ରଧାନ ।ଉପସାଗରୀୟ ଦେଶ ଗୁଡିକରେ ଓଡିଆ ସମାଜର ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତି ଏବଂ ସ୍ୱଦେଶ ଫେରିବା ଇଚ୍ଛା ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ୟୁଏଇ, କତାର, ସାଉଦି ଆରବ,ବାହାରିନ, କୁଏତ ଏବଂ ଓମାନର ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ ।ଏହି ଅବସରରେ ଓଡିଆ ବ୍ୟକ୍ତିମାନେ କୋଭିଡ୍-୧୯ ପାଇଁ ସେଠାକାରଙ୍କ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ, ଓଡିଆ ସମୁଦାୟଙ୍କ ରହଣୀ ବା ସଙ୍ଗରୋଧ ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏହାସହ ଭାରତରେ କରୋନା ମୁକାବିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ । ଭାରତୀୟ ରାଷ୍ଟ୍ରଦୂତମାନେ ମଧ୍ୟ ସେମାନଙ୍କୁ ସମର୍ଥନ ଓ ସହଯୋଗ କରୁଥିବା ମତବ୍ୟକ୍ତ କରିଥିଲେ ।ଏହି ଆଲୋଚନାରେ ସାଉଦିଆରବର ପ୍ରିୟମୋହନ ମଲ୍ଲିକ, ବି.ବି ସାହୁ, ଦେବାଶିଷ ରାଉତ, କତାରରୁ ବିଦ୍ୟାଭୂଷଣ ମହାନ୍ତି, କାଜଲ ପ୍ରସାଦ ବିଶ୍ୱାଳ, ବାହାରିନର ଅରୁଣ କୁମାର ପ୍ରହରାଜ, ରମେଶ ପ୍ରାଣିଗ୍ରାହୀ, ୟୁଏଇର ଚନ୍ଦ୍ର ଶେଖର ଖୁଂଟିଆ, ଅମିୟ ମିଶ୍ର, ସମୀର ବିଶ୍ୱାଳ, କୁଏତର ଗିରିଜା ଶଙ୍କର ପାଢୀ, ଗିରିଜାନନ୍ଦନ ପଣ୍ଡା, ଓମାନର ଦୀନବନ୍ଧୁ ସାମଲ ଓ ସଞ୍ଜୟ କୁମାର ଜେଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ ।



## ୫ କରୋନା ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଜାରି କଲେ ରାଜ୍ୟ ସରକାର

**ଭୁବନେଶ୍ୱର,(ପିଏନ)-**ରବିବାର ଦିନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କରୋନାଭାଇରସ୍ ଦ୍ୱାରା ଆକ୍ରାନ୍ତ ପାଂଚ ଜଣ ବ୍ୟକ୍ତିଙ୍କ ଗସ୍ତ ବିବରଣୀ ପ୍ରକାଶ କରିଛନ୍ତି ।୧୪୭, ୧୪୮, ୧୪୯, ୧୫୦ ଓ ୧୫୨ ନମ୍ବର ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଟୁଇଟର ମାଧ୍ୟମରେ ସୂଚନା ଦିଆଯାଇଛି । ୧୪୭ ଓ ୧୪୮ ନମ୍ବର ଆକ୍ରାନ୍ତ ହେଉଛନ୍ତି ବଲାଙ୍ଗୀର ଜିଲ୍ଲାର ଗୁଡ଼ଭେଲା ଅନ୍ତର୍ଗତ ଲେଖିରିଆର । ସେମାନଙ୍କ ବୟସ ୧୮ ଓ ୨୦ ବର୍ଷ । ସେମାନେ ତାମିଲନାଡୁ ଫେରନ୍ତା । ୧୪୭ ନମ୍ବର ଆକ୍ରାନ୍ତ ଟ୍ରେନ୍ ଯୋଗେ ତିରୁପୁରୁ ଆସି ମାର୍ଚ୍ଚ ୧୭ ତାରିଖ ଦିନ ବଲାଙ୍ଗୀରରେ ଷ୍ଟେସନରେ ପହଂଚି ଗାଡ଼ି ଭଡ଼ା କରି ଅନ୍ୟ ୪ ଜଣଙ୍କ ସହ ନିଜ ଗାଆଁକୁ ଫେରିଥିଲେ । ମାର୍ଚ୍ଚ ୧୮ରୁ ଏପ୍ରିଲ୍ ୫ ଯାଏଁ ସେ ହୋମ୍ କ୍ୱାରେଂଟାଇନ୍ ରେ ଥିଲେ । ସେ ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳିବା ସହ ସେଲୁନ୍ କୁ ମଧ୍ୟ ଯାଇଥିଲେ । ମେ ୧ ଦିନ ତାଙ୍କ ନମୁନା ପରୀକ୍ଷା କରାଯାଇଥିଲା ଏବଂ ତାଙ୍କୁ ସେହି ଦିନ ବଲାଙ୍ଗୀର କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେହିପରି ୧୪୮ ନମ୍ବର ଆକ୍ରାନ୍ତ ମଧ୍ୟ ହୋମ୍ କ୍ୱାରେଂଟାଇନ୍ ରେ ଥିଲେ । କିନ୍ତୁ, ଥରେ ସେ ତାଙ୍କ ବନ୍ଧୁ ଘରକୁ ଯାଇଥିଲେ ଏବଂ ଦିନେ ଚାଉଳ ମିଲ୍ କୁ ଯାଇଥିଲେ । ସେହିପରି ୧୪୯ ନମ୍ବର ଆକ୍ରାନ୍ତ ଯାଜପୁର ଜିଲ୍ଲା ଅନ୍ତର୍ଗତ ନାଥସାହି ଗ୍ରାମର ୫୬ ବର୍ଷିୟ ପୁରୁଷ । ସେ କୋଲକାତା ଫେରନ୍ତା । ସେ ଘରୋଇ ବସ୍ ଯୋଗେ ଅନ୍ୟ ୫ ଜଣଙ୍କ ସହ ଆସି ମାର୍ଚ୍ଚ ୨୩ ତାରିଖରେ ପାଣିକୋଇଲିରେ ପହଂଚିଥିଲେ । ସେଠାରୁ ସିଧା ଯାଇ ଡିଏଚ୍ଏଚ୍ ରେ ରେଜିଷ୍ଟ୍ରେସନ୍ କରାଇ ବାଇକ୍ ଯୋଗେ ଘରକୁ ଫେରିଥିଲେ । ସେ ମାର୍ଚ୍ଚ ୨୩ ରୁ ଏପ୍ରିଲ୍ ୩୦ ଯାଏଁ ହୋମ୍ କ୍ୱାରେଂଟାଇନରେ ରହିବା ପରେ ମେ ୧ ତାରିଖ ଦିନ ନମୁନା ପରୀକ୍ଷା କରାଯାଇ କଳିଙ୍ଗ ନଗରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲ୍ ରେ ତାଙ୍କୁ ଭର୍ତି କରାଯାଇଥିଲା ।୧୫୦ ନମ୍ବର ଆକ୍ରାନ୍ତ ୬୩ ବର୍ଷୀୟ ପୁରୁଷ । ସେ ମଧ କୋଲକାତା ଫେରନ୍ତା ଏବଂ ତାଙ୍କ ଘର ଯାଜପୁର ଜିଲ୍ଲାର ବିଞ୍ଝାରପୁର ଅଂଚଳର ବେଲାମପୁର ଗ୍ରାମରେ । ସେ ଅନ୍ୟ ସାତଜଣଙ୍କ ସହ ଭଡ଼ା ଗାଡ଼ିରେ କୋଲକାତାରୁ ମାର୍ଚ୍ଚ ୨୯-୩୦ରେ ଘରକୁ ଫେରିଥିଲେ । ମାର୍ଚ୍ଚ ୩୦ ରୁ ଏପ୍ରିଲ୍ ୩୦ ଯାଏଁ ହୋମ୍ କ୍ୱାରେଂଟାଇନ୍ ରେ ରହିବା ପରେ ଲକ୍ଷଣ ନ ଥାଇ ମଧ ତାଙ୍କ ନମୁନା ପରୀକ୍ଷା କରାଯିବା ପରେ ପଜିଟିଭ୍ ବାହାରିଥିଲା । ସେ ମଧ କଳିଙ୍ଗ ନଗରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲ୍ ରେ ଅଛନ୍ତି । ଅନ୍ୟପକ୍ଷରେ ୧୫୨ ନମ୍ବର ଆକ୍ରାନ୍ତ ହେଉଛନ୍ତି ଯାଜପୁର ଜିଲ୍ଲାର ବରି ଅନ୍ତର୍ଗତ ତଳକାଇପଡ଼ାର କୋଲକୋତା ଫେରନ୍ତା ୨୮ ବର୍ଷିୟ ପୁରୁଷ । ସେ ସପରିବାର ହୋମ୍ କ୍ୱାରେଂଟାଇନ୍ ରେ ଥିଲେ କିନ୍ତୁ, ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ୍ ୩୦ ତାରିଖ ମଧ୍ୟରେ ବନ୍ଧୁମାନଙ୍କ ସହ ବରାବର ତାସ୍ ଓ କ୍ରିକେଟ୍ ଖେଳୁଥିଲେ । ତାଙ୍କଠାରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲେ ମଧ ଗସ୍ତ ଇତିହାସ କାରଣରୁ ତାଙ୍କର ନମୁନା ସଂଗ୍ରହ କରାଯାଇଥିଲା । ମେ ୧ ତାରିଖ ଦିନ ତାଙ୍କୁ କଳିଙ୍ଗ ନଗରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲ୍ ରେ ତାଙ୍କୁ ଭର୍ତି କରାଯାଇଥିଲା ।




### କୋବିଡ଼ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା, କଂଟେନମେଂଟ ଜୋନ ପରିଦର୍ଶନ

# କ୍ୱାରେଂଟାଇନ ସେଂଟର ବୁଲିଲେ ଏମ୍ସ ରେପିଡ୍ ରେସ୍ପନସ ଟିମ୍

**ଭଦ୍ରକ,(ପିଏନ)-** ଭଦ୍ରକ ଜିଲ୍ଲା ପାଇଁ କୋବିଡ଼ ୧୯ ପର୍ଯ୍ୟବେକ୍ଷକ ନିଯୁକ୍ତ ରାଜ୍ୟ ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଏବଂ ପଶୁ ସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ଭଦ୍ରକ ଗସ୍ତରେ ଆସି କୋବିଡ଼ ପରିଚାଳନାର ସମୀକ୍ଷା କରିଥିବା ବେଳେ ଏମ୍ସରୁ ଆସିଥିବା ରେପିଡ ରେସ୍ପନ୍ସ ଟିମ୍ ଜିଲ୍ଲାର ବିଭିନ୍ନ କ୍ୱାରେଣ୍ଟାଇନ ସେଣ୍ଟର ପରିଦର୍ଶନ କରିବା ସହିତ ସ୍ଥିତି ନୀରିକ୍ଷଣ କରିଛନ୍ତି । ଆଜି ଭଦ୍ରକ ଗସ୍ତରେ ଆସି ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ପାଢୀ ଏବଂ ସହପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ରାଉତ ଜିଲ୍ଲାର ମୋଟ କଣ୍ଟେନମେଣ୍ଟ ଜୋନ, କ୍ୱାରେଣ୍ଟାଇନରେ ରହୁଥିବା ଲୋକମାନଙ୍କ ରହିବା, ଖାଇବା, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଆଦି ସମ୍ପର୍କରେ ପଚାରି ବୁଝିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ଫେରୁଥିବା ବ୍ୟକ୍ତି, ଶ୍ରମିକମାନଙ୍କର ପଞ୍ଜିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଗର୍ଭବତୀ ମହିଳାମାନେ ଯେପରି ସଠିକ୍ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲାରେ ଅଧିକ ଶ୍ରମଦିବସ ସୃଷ୍ଟି କରି ସାମାଜିକ ଦୂରତ୍ୱ ରକ୍ଷା କରି କାମ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ କହିଥିଲେ। ବ୍ଲକ, ଆର୍ ଆଣ୍ଡ ବି, ଆର୍.ଡି, ବିଭାଗରେ ବନ୍ଦ ରହିଥିବା କାର୍ଯ୍ୟ ସବୁ ସ୍ଥାନୀୟ ଶ୍ରମିକଙ୍କୁ ନେଇ ସାମାଜିକ ଦୂରତ୍ୱ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ନାମମାତ୍ର ଚାଷୀ, କ୍ଷୁଦ୍ର ଚାଷୀ ଯେପରି ତୁରନ୍ତ ଋଣ ପାଇ ପାରିବ ସେଦିଗରେ ଧନ ଦେବାକୁ ଲିଡ ବ୍ୟାଙ୍କ, ନାବାର୍ଡର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅଧିକରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରିବାକୁ ମତ ପ୍ରଦାନ କରିଥିଲେ। ଅଧିକ ଗ୍ରୀଷ୍ମ ପ୍ରବାହର ଆଶା ଥିବାରୁ କ୍ୱାରେଂଟାଇନ ସେଂଟର, ଆଇସୋଲେସନ ସେଂଟର, କୋବିଡ଼ କେୟାର ହସ୍ପିଟାଲ ଆଦି କେନ୍ଦ୍ରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ସଚିବ ଗୁରୁତ୍ୱ ଦେଇଥିଲେ। ପରେ ଶ୍ରୀ ପାଢୀ ଏବଂ ଶ୍ରୀଯୁକ୍ତ ରାଉତ ଜିଲ୍ଲାର କଂଟେନମେଂଟ ଜୋନ ଅଂଚଳକୁ ଯାଇ ସେଠାକାର ସ୍ଥିତି ନୀରିକ୍ଷଣ କରିଥିଲେ। ସେହିପରି ଭାବେ ଏମ୍ସରୁ ଆସିଥିବା ୪ ଜଣିଆ ରେପିଡ ରେସ୍ପନ୍ସ ଟିମ କୋବିଡ଼ ହସ୍ପିଟାଲ, କ୍ୱାରେଂଟାଇନ ସେଂଟର ବୁଲି ଦେଖିବା ସହିତ କ୍ୱାରେଂଟାଇନରେ ରହିଥିବା ଲୋକମାନଙ୍କ ମଧ୍ୟରେ ଯେପରି ସାମାଜିକ ଦୂରତ୍ୱ ବଜାୟ ରହେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସଠିକ ପରିଚାଳନା ହୁଏ ସେଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଟିମ୍‌ରେ ଡାକ୍ତର ବିନୋଦ ପାତ୍ର, ଡାକ୍ତର ଜଇ ରଂଜନ, ଡାକ୍ତର ଦେବାନନ୍ଦ ସାହୁ, ଡାକ୍ତର ଦୀନେଶ ପ୍ରସାଦ ସାହୁ ସାମିଲ ରହିଛନ୍ତି। ଏମାନଙ୍କ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ପାଢୀ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ପିଡି ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ।

## ୩ ମାସ ପାଇଁ ସଂପୂର୍ଣ୍ଣ ସ୍କୁଲ ଫି ସଂପୂର୍ଣ୍ଣ ଛାଡ କରାଯାଉ :ପ୍ରଦୀପ୍ତ

**ଭୁବନେଶ୍ୱର,(ପିଏନ)-** ବୈଶ୍ୱିକ ମହାମାରୀ କରୋନାଜନିତ ଲକ୍‌ଡାଉନ୍ କାରଣରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଛାତ୍ରଛାତ୍ରୀମାନେ ଅନିଶ୍ଚିତତା ଭିତରେ ଘରେ ରହି ପାଠ ପଢୁଛନ୍ତି । ଶିକ୍ଷାନୁଷ୍ଠାନଗୁଡିକ ଖୋଲା ହେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ଅନ୍ୟ ପଟେ ଲକ୍‌ଡାଉନ୍ ପରିସ୍ଥିତିରେ ସମସ୍ତଙ୍କର ରୋଜଗାର ଏକପ୍ରକାରର ଠପ୍ ହୋଇଯାଇଥିବେଳେ ଅଧିକାଂଶ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ଫି ସଂପୂର୍ଣ୍ଣ ଛାଡ କରିବା ପାଇଁ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ଲିଖିତ ନିର୍ଦ୍ଦେଶ ଦେବାକୁ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଦାବୀ କରିଛନ୍ତି ।

# ଜିଲ୍ଲାରେ ଫଂଶିଛନ୍ତି ହଜାର ହଜାର ସଂଖ୍ୟାରେ ବାହାର ଲୋକ, ଫେରିବା ନେଇ ଚିନ୍ତା ବଢୁଛି

**ରାଉରକେଲା, (ପିଏନ)-** ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଲୋକ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ଲକଡାଉନ ସମୟରେ ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫଶି ରହିଛନ୍ତି। ଦିର୍ଘ ୪୦ ଦିନ ଭିତରେ ରେଳ, ବସ୍, ଓ ଅନ୍ୟ ଗମନାଗମନ ସେବା ସମ୍ପୂର୍ଣ୍ଣ ବନ୍ଦ ହେବା ପରେ ପ୍ରଶାସନ ପକ୍ଷରୁ ଅତି ଜରୁରୀ ସ୍ଥାନରେ ପାଶ୍ ଦିଆଯାଉଥିବାରୁ ପରିବାର ଠାରୁ ଦୂରରେ ସମ୍ପର୍କୀୟ ଓ ସାଙ୍ଗସାଥିଙ୍କ ଘରେ ଏହି ଲୋକେ ନିର୍ଭର କରି ୪୦ ଦିନ କାଟି ସାରିଲେଣି । ଏହାଦ୍ୱାରା ଅନେକ ପରିବାରରେ ଅକୁହା ସମସ୍ୟା ସୃଷ୍ଟି ହେବା ସହ ସେମାନଙ୍କ ଆର୍ଥିକ ସମସ୍ୟା ମଧ୍ୟ ବଢିଥିବା ଅନେକ ପ୍ରକାଶ କରିଛନ୍ତି । କାହାର ଚାକିରୀରୁ ଦରମା ବନ୍ଦ ହେଲାଣି ତ ଆଉ କାହାର ଛୋଟ ଘରେ ନାନା ସମସ୍ୟା ସୃଷ୍ଟି ହୋଇ ଚାଲିଛି। ସେପଟେ ନିଜ ପରିବାର ଲୋକେ ଏମାନଙ୍କୁ ଛାଡି ନାନା ସମସ୍ୟା ଦେଇ ଗତି କରୁଛନ୍ତି । ତେବେ ସ୍ୱାମୀ ଟାଟାରେ ତ ପତ୍ନୀ ରାଉରକେଲାରେ । ଏହିଭଳି ସ୍ଥିତି ସହରର ଅନେକ ଘରେ ଦେଖାଯାଉଛି । ଏମାନଙ୍କୁ ନିଜ ସ୍ଥାନକୁ ଜିବା ଲାଗି କେଉଁଠାରୁ ପାଶ୍ ମିଳିବ ସେମାନେ ଜାଣି ନପାରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସରୁ ଏସପି ଅଫିସ ଯାଏ ସମସ୍ତେ ଚକ୍କର କାଟୁଛନ୍ତି । କିନ୍ତୁ ସେମାନଙ୍କର ସମସ୍ୟା ସମାଧାନ ହୋଇ ପାରୁନାହିଁ, ଫଳରେ ଅନେକ ପରିବାର ବହୁ ଦୁଃଖ କଷ୍ଟ ଭିତରେ ଗତି କରୁଛନ୍ତି। ଏସପି ଅଫିସରେ ଆଉ ପାଶ ଦିଆଯାଉନଥିବା ନେଇ କହିବା ସହ ଦୁଆର ମୁହଁରୁ କର୍ମଚାରୀ ଲୋକଙ୍କୁ ଫେରାଇ ଦେଉଥିବା ବେଳେ ଏଡିଏମ ଅଫିସରେ ଗ୍ରିଲ୍ ବନ୍ଦ କରି କର୍ମଚାରୀ ଲୋକଙ୍କୁ ଫେରାଇ ଦେଉଥିବା ଅଭିଯୋଗ ହେଉଛି । ରାଉରକେଲା ମହାନଗର ଅଫିସରେ ମଧ୍ୟ କିଛି ଲୋକ ଏନେଇ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି । ଜିଲ୍ଲାପ୍ରଶାସନ ବିଧିବଦ୍ଧ ଭାବେ ଏଭଳି ଲୋକଙ୍କ ଲାଗି କ'ଣ ବ୍ୟବସ୍ଥା ରହିଛି ସେନେଇ କୌଣସି ଘୋଷଣା କରିନଥିବାରୁ ଅନ୍ଧକାର ଭିତରେ ଲୋକେ ଘାଂଟି ହେଉଥିବା ଦେଖାଯାଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଲକ୍‌ଡ଼ାଉନ୍ ସମୟରେ ସିଂଜେଟା ପକ୍ଷରୁ ନୂଆ କୃଷି ହେଲ୍‌ପଲାଇନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର:** ଦେଶରେ ଜାରି ରହିଥିବା କୋଭିଡ-୧୯ ମହାମାରୀ ଜନିତ ଲକଡାଉନ ଯୋଗୁଁ କୃଷକମାନଙ୍କର ସମସ୍ୟାକୁ ଗୁରୁତ୍ୱଦେଇ ସିଙ୍ଗେଟା ଇଣ୍ଡିଆ ପକ୍ଷରୁ 'ସିଂଜେଟା କିଷାନ ହେଲ୍‌ପଲାଇନ୍' ନାମକ ଏକ ଜାତୀୟସ୍ତରୀୟ ଟେଲି ପରାମର୍ଶ ପଦକ୍ଷେପର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା କୃଷକମାନେ ସିଂଜେଟା କିଷାନ ହେଲପ୍‌ଲାଇନ୍ ନମ୍ବର ୧୮୦୦-୧-୨୧୫-୩୧୫ରେ ଉଭୟ ଲ୍ୟାଣ୍ଡଲାଇନ ଓ ମୋବାଇଲ ଫୋନରୁ ମାଗଣାରେ କଲ କରିପାରିବେ । ଏହି ହେଲ୍‌ପଲାଇନ୍ ସମଗ୍ର ଭାରତର କୃଷକ ମାନଙ୍କୁ ମାଗଣା ଶସ୍ୟ ପରାମର୍ଶ ସମେତ ବର୍ତ୍ତମାନ ଦେଶରେ କୋଭିଡ-୧୯ଯୋଗୁଁ ଚାଲିଥିବା ଏହି ଆହ୍ୱାନପୂର୍ଣ୍ଣ ସମୟରେ କୃଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ କୃଷି ସମସ୍ୟା ସମ୍ପର୍କୀତ ସୂଚନା ଯୋଗାଇଦେବ । ନଅଟି ଭିନ୍ନ ଭାଷାରେ କଲ ସୁବିଧା ପାଇଁ ସମୁଦାୟ ଷୋହଳଟି ଚ୍ୟାନେଲ ସୃଷ୍ଟି କରାଯାଇଛି । ଏହି ହେଲପଲାଇନ ପ୍ରତ୍ୟେକ ସୋମବାରରୁ ଶନିବାର ସକାଳ ୯.୩୦ ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ




ଚାଲୁ ରହିବ । କଲ ଗ୍ରହଣ ବ୍ୟତୀତ ଏହି କଲ ସେଂଟର କୃଷକମାନଙ୍କ ନୀକଟରେ ପହଂଚି ସେମାନଙ୍କୁ ସାମାଜିକ ଦୂରତ୍ୱ ପାଳନ କରିବା, ପିପିଇର ବ୍ୟବହାର ଏବଂ କୋଭିଡ -୧୯ ସମ୍ପର୍କୀତ ଅନ୍ୟାନ୍ୟ ସାବଧାନକତା ମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇବ । ଏହା ସମ୍ପର୍କରେ ସିଂଜେଟା ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଫାଏଲ ଡେଲ ରିଓ କହିଛନ୍ତି ଯେ, "ଯେତେବେଳେ କୃଷକମାନେ ଖରିଫ ଋତୁ ପାଇଁ ପ୍ରସ୍ତୁତ ହେଉଛନ୍ତି ତେଣୁ ସେମାନଙ୍କୁ ଉପଯୁକ୍ତ ଉପଦେଶ ଯୋଗାଇଦେବା ସର୍ବଶ୍ରେଷ୍ଠ ଅଟେ ଏବଂ ଆମେ ଚିନ୍ତା କରୁଅଛୁ ଯେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସେମାନଙ୍କୁ ଏକ ମଂଚ ଯୋଗାଇଦେବା ସବୁଠାରୁ ଶ୍ରେଷ୍ଠ ହେବ ।" ଏହି ଜାତୀୟ ହେଲପଲାଇନ ପ୍ରତିଷ୍ଠା ଦ୍ୱାରା ଆମେ କୃଷକମାନଙ୍କର କୃଷି ସମ୍ବନ୍ଧିତ ସମସ୍ୟା ଗୁଡ଼ିକର ସମାଧାନର ସୁନିଶ୍ଚିତତା ପାଇଁ ଲକ୍ଷ୍ୟ ରଖିଛୁ ।" ବୋଲି ଡା. କେସି ରବି, ଚିଫ ସଷ୍ଟେନବିଲିଟି ଅଫିସର, ସିଂଜେଟା ଇଣ୍ଡିଆ ଲିମିଟେଡ କହିଛନ୍ତି ।

## ରକ୍ତ ସଂକଟ ଦୂର କରିବା ପାଇଁ ଛାତ୍ର ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପିଏନ)- ସମଗ୍ର ଦେଶରେ ଲକଡାଉନ ଲାଗୁ ହୋଇଥିବା ସମୟରେ ରକ୍ତ ସଂକଟ ଦୂର ପାଇଁ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଆୟୋଜନ କରିଛି ।
ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ସଦସ୍ୟ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିଛନ୍ତି । ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଛାତ୍ର ବିଜେଡି କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନେଇଛି । ସଂଗଠନର କାର୍ଯ୍ୟକର୍ତ୍ତା ଗ୍ରାମାଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିଛନ୍ତି ।
ବିଜୁ ଛାତ୍ର ଜନତା ଦଳର ସଭାପତି ଶ୍ରୀ ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଜୀବନବିନ୍ଦୁ ଶିବିରରେ ପ୍ରତିଦିନ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି । ସମସ୍ତ ୩୨ଟି ସାଙ୍ଗଠନିକ ଜିଲ୍ଲାରେ ରକ୍ତର ଅଭାବକୁ ଦେଖି ବିଜୁ ଛାତ୍ର ଜନତା ତରଫରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ଅପ୍ରେଲ ୧୫, ୨୦୨୦ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନମାନଙ୍କରେ ଜାରି ରହିବ ।
ରକ୍ତଦାନ କରି ଏହି କଠିନ ସମୟରେ ସମାଜ ପ୍ରତି ଉଦାରତା ପାଇଁ ସମସ୍ତ ବିଜୁ ଛାତ୍ର ଜନତା ଦଳର ସଦସ୍ୟ ଏବଂ ରକ୍ତଦାତାଙ୍କୁ ଆନ୍ତରିକ ସାଧୁବାଦ ଓ ଧନ୍ୟବାଦ । ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଶ୍ରୀ ସଞ୍ଜୟ ଦାସବର୍ମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ବେସିକ୍‌ଫାଷ୍ଟ ପକ୍ଷରୁ ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ "ଦ୍ୱନ୍ଦ୍ୱ ଦୂର କରିବା ଆପ୍'

ଭୁବନେଶ୍ୱର : କରୋନା ଭୂତାଣୁର ପ୍ରଭାବକୁ ଦୃଷ୍ଟିରେ ରଖି ବେସିକ୍‌ଫାଷ୍ଟ ଲର୍ଣ୍ଣିଂ ଓପିସି ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ "ଡାଉଟ୍ କ୍ଲିୟରିଂ ଆପ୍' (ଦ୍ୱନ୍ଦ୍ୱ ଦୂର କରିବା ଆପ୍)କୁ ଉନ୍ମୋଚନ କରାଯାଇଛି । ଇନ୍-ଆପ୍ ଚାଟ୍ ଜରିଆରେ ଏହି ବେସିକ୍‌ଫଷ୍ଟ ଡାଉଟ୍ କ୍ଲିୟରିଂ ଆପ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ହାରାହାରି ପ୍ରତିକ୍ରିୟା ସମୟ ହେଉଛି ୩୨ ମିନିଟ୍ । ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରିବା ଲାଗି ଶିକ୍ଷକ ମଣ୍ଡଳୀ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଉପଲବ୍ଧ ରହିବେ । ବେସିକ୍‌ଫାଷ୍ଟର ଡାଉଟ୍ କ୍ଲିୟରିଂ ଆପ୍ ହେଉଛି ଭାରତର ଏଭଳି ପ୍ରଥମ ଧରଣର ପ୍ଲାଟଫର୍ମ ଯେଉଁଥିରେ ଆପ୍ ଭିତରେ ଥିବା ଇନ୍-ଆପ୍ ଚାଟିଂରେ ଲାଇଭ୍ ସେସନ୍ ଜରିଆରେ ଛାତ୍ରଛାତ୍ରୀମାନେ ନିର ଦ୍ୱନ୍ଦ୍ୱ ଦୂର କରିପାରିବେ । ବେସିକଫାଷ୍ଟ ଷଷ୍ଠ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତର ସବୁ ପ୍ରକାର ବୋର୍ଡର ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରୁଥିବା ବେଳେ ଆଇଆଇଟି ମେନ୍, ଜେଇଇ ଆଡଭାନ୍ସ, ନିଟ୍, ଏମସ୍, ଏସଟିଏସ୍‌ଇ, ଅଲିମ୍ପିଆଡ୍ ଆଦି ପାଇଁ ଶିକ୍ଷା ସେବା ପ୍ରଦାନ କରୁଛି । ବେସିକ୍‌ଫାଷ୍ଟ ଡାଉଟ୍ କ୍ଲିୟରିଂ ଆପ୍ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ସୁହାଇବା ଭଳି ସୁଲଭ ମୂଲ୍ୟରେ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରଦାନ କରୁଛି । ସବୁ ପ୍ରକାର ପ୍ୟାକେଜ୍ ଉପରେ କଂପାନି ୧୪ ଦିନର ନିଶୁଳ୍କ ଟ୍ରାଏଲ୍ (ପରଖିବା) ସୁବିଧା ପ୍ରଦାନ କରୁଛି । ଛାତ୍ରଛାତ୍ରୀମାନେ ୭୫ ପଇସାରୁ ଆରମ୍ଭ କରି ତିନି ଟଙ୍କା ଭିତରେ ପ୍ରଶ୍ନର ଜଟିଳତା ଅନୁସାରେ ନିଜର ଦ୍ୱନ୍ଦ୍ୱକୁ ଦୂର କରିପାରିବେ ।ଏ ସଂକ୍ରାନ୍ତରେ ବେସିକ୍‌ଫାଷ୍ଟର ପ୍ରତିଷ୍ଠାତା, ସିଇଓ ଓ ଚିଫ୍ ମେଂଟର୍ ରଣଧୀର କୁମାର କହିଛନ୍ତି ଯେ, "କରୋନା ଭୂତାଣୁ ଯୋଗୁଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି ଏବଂ ପରୀକ୍ଷାଗୁଡ଼ିକ ଘୁଞ୍ଚି ଯାଇଛି ଫଳରେ ଶିକ୍ଷା ବ୍ୟବସ୍ଥା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ କୁଆଡ଼େ ଯିବେ । ଏହା ହେଉଛି ଆମର ଦାୟିତ୍ୱ ଯେ ଆମେ ଛାତ୍ରଛାତ୍ରୀମାନଙ୍କୁ ଏଭଳି ଏକ ଭାବ ବିନିମୟ ମଂଚ ପ୍ରଦାନ କରିବୁ ଯାହା ସେମାନଙ୍କ ଶିକ୍ଷାଗତ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବା ସହ ସେମାନଙ୍କ ଦ୍ୱନ୍ଦ୍ୱକୁ ଦୂର କରିପାରିବ ।

# ରାଜ୍ୟରେ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର ,(ପିଏନ)-**କୋଭିଡ୍-୧୯ ସଂପର୍କିତ ଉଚ୍ଚ କ୍ଷମତା ସଂପନ୍ନ ଗୋଷ୍ଠୀ ବୈଠକ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ପ୍ରସ୍ତାବ ଦେଇ କହିଲେ ଯେ ରାଜ୍ୟରେ ଏକ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ଏବଂ ତା'ସହିତ ସମସ୍ତ ପ୍ରମୁଖ ରୋଗର ନିବାରଣ ଉତ୍କର୍ଷ ପ୍ରଶିକ୍ଷଣ କେନ୍ଦ୍ର ଏବଂ ବିଭିନ୍ନ ଚିକିତ୍ସା ପଦ୍ଧତି ସଂପର୍କରେ ଗବେଷଣା, ପ୍ରତିରୋଧ କ୍ଷମତା କେନ୍ଦ୍ର ପ୍ରତିଷ୍ଠା କରାଯିବା ଉଚିତ୍ । ଏହା ଦ୍ୱାରା ଅଧିକରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ଆପଦକାଳୀନ ସ୍ଥିତିରେ କିପରି ସମ୍ମୁଖୀନ ହେବାକୁ ପଡ଼ିବ ସେ ସଂପର୍କରେ ତାଲିମପ୍ରାପ୍ତ ହେବା ସହିତ ମେଡିକାଲ, ନର୍ସିଂ, ଫାର୍ମାସି ଓ ଅନ୍ୟ ପାରାମେଡିକାଲ୍ ପାଠ୍ୟକ୍ରମ ସଂପର୍କରେ ଅବଗତ ହୋଇପାରିବେ ।ରାଜ୍ୟରେ ବହୁଳ ମାତ୍ରାରେ ଔଷଧ କମ୍ପାନୀ ଓ ମେଡ଼ିକାଲ୍ ଉପକରଣ ପ୍ରସ୍ତୁତି ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଓଡ଼ିଶା ଏ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ରାଜ୍ୟ ଭାବେ ପରିଗଣିତ ହେବା ସହ ଆବଶ୍ୟକ କ୍ଷେତ୍ରରେ ରାଜ୍ୟ ବାହାରକୁ ଓବିଦେଶକୁ ମଧ୍ୟ ବିପର୍ଯ୍ୟୟ ସ୍ୱାସ୍ଥ୍ୟ ସଂକଟ ସମୟରେ ଔଷଧ ଓ ମେଡିକାଲ୍ ଉପକରଣ ରପ୍ତାନୀ କରିପାରିବ ।ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଅଧିକ ସଂଖ୍ୟକ କୋଭିଡ୍-୧୯ ନମୁନା ପରୀକ୍ଷା ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ ଫଳରେ କରୋନା ସଂକ୍ରମଣ ରୋକା ଯାଇପାରିବ । ଏଥି ପାଇଁ ଆବଶ୍ୟକ ସଂଖ୍ୟକ ପରୀକ୍ଷଣ କିଟ୍ ତୁରନ୍ତ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ସହିତ ସଙ୍ଗରୋଧରେ ରହୁଥିବା ବ୍ୟକ୍ତି ଏବଂ ସେମାନଙ୍କର ଚଳପ୍ରଚଳ ସଂପର୍କରେ କୋଭିଡ୍-୧୯ ନିରୀକ୍ଷଣ ଟିମ୍ ନିରନ୍ତର ନଜର ରଖିବା ଓ ରୋକ୍ ଲଗାଇବା ଦରକାର ।ବୁର୍ଲାସ୍ଥିତ ଭିମ୍‌ସାର ପାଇଁ ଗୋଟିଏ କୋଭିଡ୍ ପରୀକ୍ଷଣ ମେସିନ୍ ଯୋଗାଇ ଦିଆଯାଇଥିବାବେଳେ ଅଞ୍ଚଳର ଜନସଂଖ୍ୟାକୁ ଦୃଷ୍ଟିରେ ଅଧିକ ଦୁଇଟି ମେସିନ୍ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ପ୍ରସ୍ତାବ ରଖିଛନ୍ତି । ଏହା ଫଳରେ ସଂପୃକ୍ତ ଅଞ୍ଚଳରେ ବହୁଳ ଭାବରେ କରୋନା ସଂକ୍ରମିତ ରୋଗୀଙ୍କର ପରୀକ୍ଷା ହୋଇପାରିବ । ସେହିପରି କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର ଭୀମଭୋଇ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, ଭୁବନେଶ୍ୱରର ସମ୍ ହସ୍ପିଟାଲ୍, କିମ୍ସ ହସ୍ପିଟାଲ୍, ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ଠାରେ ମଧ୍ୟ କରୋନା ଭୂତାଣୁ ପରୀକ୍ଷଣ ସୁବିଧା ହୋଇପାରିବ ।ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରତ୍ୟେକ ଦିନ ୧୦୦୦ କୋଭିଡ୍ ରକ୍ତ ନମୁନା ପରୀକ୍ଷା କରାଯାଉଛି । ଆଗାମୀ ଦିନରେ ଏହାକୁ ୨୦୦୦ ରୁ ୩୦୦୦କୁ ବୃଦ୍ଧି କରିବାକୁ ସ୍ଥିର ହୋଇଛି । ଦିଲ୍ଲୀରେ ପ୍ରତି ୯ଟି ନମୁନାରୁ ୧ ପଜିଟିଭ, ତାମିଲନାଡୁରେ ପ୍ରତି ୧୦ଟି ନମୁନାରୁ ୧ ପଜିଟିଭ ବାହାରୁଥିବାବେଳେ ଓଡ଼ିଶାରେଏହି ହାର ପ୍ରତି ୧୦୦ ନମୁନାରୁ ୧ ପଜିଟିଭ ରହିଛି ।
ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗ ଦର୍ଶନ ଓ ଅନ୍ୟ ରାଜ୍ୟମାନଙ୍କ ଦ୍ୱାରା ପାଳନ କରାଯାଉଥିବା କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରି ଏକ ମାର୍ଗଦର୍ଶୀକା ପ୍ରସ୍ତୁତି ନିମନ୍ତେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।



